ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/218/12-05-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୨ ମଇ, ୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟରେ କୋଭିଡ୍-୧୯ ପରିସ୍ଥିତିର ସମୀକ୍ଷା କରି କୋଭିଡ୍ ପରିଚାଳନା ଉପରେ ୭ ସୂତ୍ରୀ ପରାମର୍ଶ ଦେଇଛନ୍ତି । ୨୪ ଘଣ୍ଟିଆ ତଦାରଖ ଜରିଆରେ ଜିଲ୍ଲା ଡାକ୍ତରଖାନାଗୁଡ଼ିକରେ ଅଗ୍ନି ନିରାପତ୍ତା ଏବଂ ମେଡିକାଲ ଅମ୍ଳଜାନର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଅଧିକ ରୋଗୀଥିବା ଅଞ୍ଚଳରେ ପରୀକ୍ଷଣ, ନିରୀକ୍ଷଣ ଏବଂ ନିୟନ୍ତ୍ରଣକୁ ମଜବୁତ କରିବାକୁ ଏବଂ ଆଇସିୟୁରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କଠାରୁ ମତାମତ ନେବାକୁ ପରାମର୍ଶ ଦେଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଜୀବନ ରକ୍ଷା କରିବା ପାଇଁ ଟିକାକରଣକୁ ଏକ ପ୍ରମୁଖ ଉପାଦାନ ଭାବେ ପ୍ରକାଶ କରି ତାହା ନିରବଚ୍ଛିନ୍ନ ଭାବେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ଉଲ୍ଲେଖ କରିବା ସହ ଅଧିକ ଅର୍ଥ ଦାବି କରୁଥିବା ଘରୋଇ ଡାକ୍ତରଖାନାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍ ଡାକ୍ତରଖାନାରେ ହେଲ୍‌ପଲାଇନ୍‌ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ସହ ରୋଗୀର ପରିବାରକୁ ନିୟମିତ ସୂଚନା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ମାଧ୍ୟମରେ ଅଭାବୀ ଏବଂ ଗରିବ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ସେବିକା ଦିବସ ଅବସରରେ କହିଛନ୍ତି ଯେ କୋଭିଡ୍-୧୯ ରୋଗୀଙ୍କ ଯତ୍ନ ନେବା ଏବଂ ଅସଂଖ୍ୟ ଜୀବନ ରକ୍ଷା କରିବାରେ ସେବିକାମାନେ ସମ୍ମୁଖ ଭାଗରେ ଅଛନ୍ତି । ଜୀବନ ରକ୍ଷା ତଥା ରୋଗୀମାନଙ୍କ ଆରୋଗ୍ୟରେ ଉନ୍ନତି ଆଣିବା ପାଇଁ ଉତ୍ସର୍ଗୀକୃତ ତଥା ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଥିବା ଆଗଧାଡ଼ିର ଯୋଦ୍ଧାମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରି ବିରୁଦ୍ଧ ସଂଗ୍ରାମରେ ଏକ ମାଇଲଖୁଣ୍ଟ ସ୍ଥାପନ କରି ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧୧ଟି ରାଜ୍ୟକୁ ୧୦ ହଜାରରୁ ଅଧିକ ମେଟ୍ରିକ ଟନ୍‌ର ଅମ୍ଳଜାନ ପଠାଇଛି ଏବଂ ଏହି ଆହ୍ୱାନମୂଳକ ସମୟରେ ଅମ୍ଳଜାନ ନିଅଣ୍ଟିଆ ରାଜ୍ୟମାନଙ୍କର ସମର୍ଥନରେ ଠିଆ ହୋଇଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ କୁମାର ନାୟକଙ୍କ ସ୍ୱାସ୍ଥାବସ୍ଥା ସଂପର୍କରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ୍), ଭୁବନେଶ୍ୱର ଏବଂ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲ୍, କଟକର ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ତାଙ୍କର ଆଶୁ ଆରୋଗ୍ୟ ପାଇଁ ସେମାନେ ଯଥାସମ୍ଭବ ଉଦ୍ୟମ କରୁଛନ୍ତି ବୋଲି ଡାକ୍ତରମାନେ ନିଶ୍ଚିତ କରିଛନ୍ତି ।

  - ଏମ୍ସ୍‌ର ନିର୍ଦ୍ଦେଶକ ଶ୍ରୀମତୀ ଗୀତାଞ୍ଜଳି  ବାଟମାନାବନେ ଶ୍ରୀ ନାୟକଙ୍କ ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଥିବା ସମସ୍ତ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଡାକ୍ତରମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଶ୍ରୀ ନାୟକଙ୍କ ପାଇଁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଅନୁରୋଧ କରିଛନ୍ତି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି ।

- ଉତ୍କର୍ଷ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, କଟକର ପ୍ରଫେସର ଡା. ଶାରଦା ପ୍ରସନ୍ନ ସ୍ୱାଇଁ ଏବଂ ଭୁବନେଶ୍ୱରସ୍ଥ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଡା. ଅମରେନ୍ଦ୍ରନାଥ ମହାନ୍ତି ଆଜି କୋଭିଡ୍ ସମୟରେ ଓ କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ରୋଗୀ, ବୟସ୍କ ନାଗରିକ, ଶିଶୁ ଏବଂ ଗୁରୁତର ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କର ମାନସିକ ସ୍ୱାସ୍ଥ୍ୟ ନେଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି । ଉଦ୍‌ବେଗ, ନିଦ୍ରାହୀନତା, ମାନସିକ ଦୁର୍ବଳତା, ଭୟ, ଅବସାଦ ଏବଂ ମାନସିକ ଚାପ ଭୋଗୁଥିବା ଲୋକମାନେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଦୈନନ୍ଦିନ କାର୍ଯ୍ୟ, ଚାଲିବା, ବ୍ୟାୟାମ ଆଦି ନିୟମିତ ଭାବେ କରିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି । ସେମାନେ ମଧ ଜନସାଧାରଣଙ୍କୁ କୋଭିଡ୍ ନିୟମର କଡ଼ାକଡ଼ି ଅନୁପାଳନ ପାଇଁ ଅନୁରୋଧ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୧,୦୬,୬୧,୬୪୭ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୫,୬୫, ୬୪୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୪,୬୫, ୧୩୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୨୩୨ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୯୮,୨୩୦ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**